Tel : 0671-2308424, 2308104 (FAX)

# କଟକ ମହାନଗର ନିଗମ
## ଚୌଧୁରୀ ବଜାର, କଟକ

ସୂଚାଙ୍କ :୨୨୮୦......                                                    ତାରିଖ : ୨୨/୪/୧୮

## ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ନିମ୍ନଲିଖିତ ପାର୍କିଂ ସ୍ଥାନ, ଟ୍ୟାକ୍ସି ଷ୍ଟାଣ୍ଡ୍ ଓ କିଲିଖାନା ଗୁଡ଼ିକ ଚଳିତ ୨୦୧୮-୧୯ ଆର୍ଥିକ ବର୍ଷ ଏବଂ ପୋଖରୀ, ନଡ଼ିଆ ଗଛ ଇତ୍ୟାଦି ସୈରାତ ଗୁଡ଼ିକ ୨୦୧୮-୧୯ ଠାରୁ ୨୦୨୦-୨୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ଆସନ୍ତା **ତା.୦୪.୦୫.୨୦୧୮ ରିଖ** ଅପରାହ୍ନ ୪ ଘଟିକା ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନିମ୍ନୋକ୍ତ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଉଦ୍ଦିଷ୍ଟ ସୈରାତ ଗୁଡ଼ିକ ପାଇଁ ଧାର୍ଯ୍ୟ ଆମାନତ ଅର୍ଥ, କମିଶନର, କଟକ ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ୍ ଡ୍ରାଫ୍ଟ ସହିତ ବନ୍ଦ ଲଫାପାରେ କଟକ ମହାନଗର ନିଗମ ଚୌଧୁରୀ ବଜାର ସ୍ଥିତ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ ଏବଂ **ତା.୦୫.୦୫.୨୦୧୮ ରିଖ** ଦିବା ୧୧ ଘଟିକା ଠାରୁ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତରେ ନିଲାମ ଦର ଥିବା ଲଫାପା ଗୁଡ଼ିକ ପର୍ଯ୍ୟାୟ କ୍ରମେ ଖୋଲାଯାଇ ନିଷ୍ପତି ଗ୍ରହଣ କରାଯିବ । ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଂଗେ ସଂଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍ **www.cmccuttack.gov.in** ରେ ଦେଖି ପାରିବେ ।

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଟେଣ୍ଡର ଚୂଡ଼ାନ୍ତ କରାଯିବ ।**

୧. ପୂର୍ବ ବର୍ଷର ନିଲାମ ଟଙ୍କା ରଖିଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନ ଅଥବା ପୂର୍ବରୁ ନିଲାମ ସିଦ୍ଧ ହୋଇ ନିଲାମ ଗ୍ରହଣ କରି ନଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନ ମାନେ ଉକ୍ତ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଦାରୀ ମାମଲା ବିଚାରାଧିନ ନାହିଁ କିମ୍ବା ସେ କୌଣସି ମାମଲାରେ ସଂଶ୍ଳିଷ୍ଟ ଥାଇ କାରାବରଣ କରି ନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ ।

୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଂଗେ ସଂଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ । ତାହା ନ ହେଲେ, ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ ।

୪. ଯଦି ସର୍ବୋଚ୍ଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତାହେଲେ କର୍ତ୍ତୃପକ୍ଷ ଇଚ୍ଛା କଲେ ଟେଣ୍ଡର ଚୂଡ଼ାନ୍ତ ନକରି ପୁନି ଟେଣ୍ଡର କରି ପାରିବେ ।

୫. ଟେଣ୍ଡର ଗ୍ରହୀତା ପାର୍କିଂ ଫି (ମହାସୁଲ) ନିମ୍ନ ମତେ ଆଦାୟ କରିବେ ।
   (କ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ.୨୦.୦୦ଙ୍କା ।
   (ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ.୧୦.୦୦ଙ୍କା ।
   (ଗ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ.୫.୦୦ଙ୍କା ।
   (ଘ) ସାଇକେଲ ପ୍ରତି ଦୈନିକ ଟ.୨.୦୦ଙ୍କା ।

୬. ପାର୍କିଂ ସ୍ଥାନ ସକାଳ ଘ.୮.୦୦ଟିକା ଠାରୁ ରାତ୍ର ଘ.୧୧.୦୦ଟିକା ପର୍ଯ୍ୟନ୍ତ ଖୋଲା ରଖିବେ ।

୭. ପାର୍କିଂ ସ୍ଥାନ ମହାସୁଲ ଆଦାୟକାରୀ ମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫର୍ମ) ପରିଧାନ କରିବା ସହିତ ନିଜର ପରିଚୟ ପତ୍ର ବେକରେ ଝୁଲାଇବେ ।

୮. ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହାନର ନିରାପତା ନିମନ୍ତେ ଜଗୁଆଳୀର ବ୍ୟବସ୍ଥା କରିବେ ।

Tel : 0671-2308424, 2308104 (FAX)

# କଟକ ମହାନଗର ନିଗମ
## ଚୌଧୁରୀ ବଜାର, କଟକ

ସୂଚାଙ୍କ :..........................                                                   ତାରିଖ : ..........................

୯. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ମ୍ୟୁନିସିପାଲ କମିଶନରଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୂଡ଼ାନ୍ତ ହେବାର ସାତ ଦିନ ମଧରେ କରିବେ ।

୧୦. ଉକ୍ତ ଟେଣ୍ଡର ଡ଼ାକକୁ କର୍ତ୍ତୃପକ୍ଷ ଇଛା କଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ ।

| କ୍ର. ନଂ. | ସୈରାତ ଗୁଡ଼ିକର ନାମ | ଟେଣ୍ଡର ପାଇଁ ସର୍ବନିମ୍ନ ଧାର୍ଯ୍ୟ ରାଶି | ଅମାନତ ଟଙ୍କା | ମିଆଦ |
|---|---|---|---|---|
| ୧. | କଲେଜ ଛକ ବମ୍ବେ ହୋଟେଲ ସାମନା ପାର୍କିଂ ସ୍ଥାନ | ଟ.୧୨୭୦୦୦/- | ଟ.୧୨୭୦୦/- | ଆର୍ଥିକ ବର୍ଷ ୨୦୧୮-୧୯ |
| ୨. | ଶୈଳବାଳା ମହାବିଦ୍ୟାଳୟ ପାଖ ପାର୍କିଂ ସ୍ଥାନ | ଟ.୭୪୩୦୦/- | ଟ.୭୪୩୦/- | |
| ୩. | ଏସ.ବି.ଆଇ. ମୁଖ୍ୟ ଶାଖା ସାମନା ତିନିକୋଣିଆ ପାର୍କିଂ ସ୍ଥାନସ୍ଥାନ | ଟ.୨୯୯୦୦୦/- | ଟ.୨୯୯୦୦/- | |
| ୪. | ପି.ଏମ୍. ଏକାଡ଼େମୀ ପାଖ ପାର୍କିଂ ସ୍ଥାନ | ଟ.୪୮୭୦୦/- | ଟ.୪୮୭୦/- | |
| ୫. | ଆକବରୀ ଖାଁ ଗୁଡ଼ାଖୁ ଦୋକାନ ସମ୍ମୁଖ ପାର୍କିଂ ସ୍ଥାନ, ନିମଚୌଡ଼ି | ଟ.୩୪୧୦୦/- | ଟ.୩୪୧୦/- | |
| ୬. | ଗୋପବନ୍ଧୁ ପାର୍କ ପାର୍ଶ୍ୱବର୍ତ୍ତୀ ପାର୍କିଂ ସ୍ଥାନ, ବକ୍ସି ବଜାର | ଟ.୭୬୦୦/- | ଟ.୭୬୦/- | ଆର୍ଥିକ ବର୍ଷ ୨୦୧୮-୧୯ |
| ୭. | କନିକା ଛକ ପାର୍କିଂ ସ୍ଥାନ | ଟ.୧୦୦୦୦/- | ଟ.୧୦୦୦/- | |
| ୮. | ରାଣୀହାଟ ଦୁର୍ଗା ଘର ସାମନା ପାର୍କିଂ ସ୍ଥାନ | ଟ.୧୬୭୦୦/- | ଟ.୧୬୭୦/- | |
| ୯. | ତିନିକୋଣିଆ ବଗିଚା ପାଖ ପାର୍କିଂ ସ୍ଥାନ | ଟ.୧୪୩୦୦/- | ଟ.୧୪୩୦/- | ଆର୍ଥିକ ବର୍ଷ ୨୦୧୮-୧୯ |
| ୧୦. | ବଜ୍ରକବାଟି ରୋଡ଼ ଉପର ମାଳିସାହି ଗଡ଼ା ନିକଟ ପାର୍କିଂ ସ୍ଥାନ | ଟ.୫୬୪୦୦/- | ଟ.୫୬୪୦/- | |
| ୧୧. | ସତୀଚୌରା କାଠ ଗୋଲା ଠାରୁ ଅଶ୍ୱିନୀ ହସପିଟାଲ ସମ୍ମୁଖ ପର୍ଯ୍ୟନ୍ତ ପାର୍କିଂ ସ୍ଥାନ | ଟ.୧୬୫୩୦୦/- | ଟ.୧୬୫୩୦/- | |
| ୧୨. | ଅରବିନ୍ଦ ଲଜ ସମ୍ମୁଖ ଟ୍ୟାକ୍ସି ଷ୍ଟାଣ୍ଡ୍, କଲେଜ ଛକ | ଟ.୫୩୮୦୦/- | ଟ.୫୩୮୦/- | |
| ୧୩. | କେଶରପୁର କିଲିଖାନା | ଟ.୬୬୭୦୦/- | ଟ.୬୬୭୦/- | |
| ୧୪. | ସତୀଚୌରା କିଲିଖାନା | ଟ.୫୦୧୦୦/- | ଟ.୫୦୧୦/- | |
| ୧୫. | ଖାନନଗର କିଲିଖାନା | ଟ.୧୭୬୦୦୦/- | ଟ.୧୭୬୦୦/- | |
| ୧୬. | ଝୋଲା ସାହି ପାର୍କ, ବିକାଶ ଭବନ, ବିଶ୍ୱନାଥ ପଣ୍ଡିତ ପାଠାଗାର, ଗୌରୀ ଶଙ୍କର ପାର୍କ ଓ କେନ୍ଦ୍ରୀୟ ଚାରା ବିକ୍ରୟ କେନ୍ଦ୍ର ପରିସରରେ ଥିବା ନଡ଼ିଆ ଗଛ । | ଟ.୬୬୦୦/- | ଟ.୬୬୦/- | ଆର୍ଥିକ ବର୍ଷ ୨୦୧୮-୧୯ ଠାରୁ ୨୦୨୦-୨୧ ପର୍ଯ୍ୟନ୍ତ |

Tel : 0671-2308424, 2308104 (FAX)

# କଟକ ମହାନଗର ନିଗମ
## ଚୌଧୁରୀ ବଜାର, କଟକ


ସୂଚାଙ୍କ :........................ ତାରିଖ : ..........................

| | | | | |
|---|---|---|---|---|
| ୧୭. | ପନ୍ଦର ଫୁଟିଆ ପୋଖରୀ, ଗୋପାଳପୁର | ଟ.୫୫୦୦/- | ଟ.୫୫୦/- | ଆର୍ଥିକ ବର୍ଷ ୨୦୧୮-୧୯ ଠାରୁ ୨୦୨୦-୨୧ ପର୍ଯ୍ୟନ୍ତ |
| ୧୮. | ଗାନ୍ଧୀ ସ୍ମୃତୀ ପୋଖରୀ, ତେଲେଙ୍ଗାପେଣ୍ଠ | ଟ.୭୯୦୦/- | ଟ.୭୯୦/- | |
| ୧୯. | ପଦ୍ମ ପୋଖରୀ | ଟ.୯୭୦୦/- | ଟ.୯୭୦/- | |
| ୨୦. | ପରବ ଦେଇ ପୋଖରୀ, ସୁଭଦ୍ରାପୁର | ଟ.୧୨୦୦୦/- | ଟ.୧୨୦୦/- | |
| ୨୧. | ଘି ପୋଖରୀ | ଟ.୨୧୪୦୦/- | ଟ.୨୧୪୦/- | |
| ୨୨. | କଣ୍ଡରା ପୋଖରୀ | ଟ.୧୮୭୦୦/- | ଟ.୧୮୭୦/- | |

ଉପ ଆୟୁକ୍ତ 26.4.18

ଜ୍ଞାପକ ସଂ ୩୭୮୧ /ତା ୨୦/୪/୧୮

ଏହାର ଏକ କିତା ନକଲ ଅତିରିକ୍ତ ଆୟୁକ୍ତ-୧ ଓ ୨/ ଉପ ଆୟୁକ୍ତ-୧, ୨ ଓ ୪/ ନଗର ଯନ୍ତ୍ରୀ/ ସ୍ୱାସ୍ଥ୍ୟ ଅଧିକାରୀ/ ସଚିବ/ ଅସୁଲ ଅଧିକାରୀ/ ବିତ ଅଧିକାରୀ/ ସହକାରୀ ଆଇନ ଅଧିକାରୀ/ ବିଜ୍ଞାପନ ବିଭାଗ/ ଶ୍ରୀ ବିଭୁତି ଭୁଷଣ ସାହୁ, ଏମ.ଆଇ.ଏସ୍. କମ୍ପ୍ୟୁଟର ପ୍ରୋଗ୍ରାମର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଶ୍ରୀ ସାହୁ ଉକ୍ତ ଟେଣ୍ଡରକୁ ମହାନଗର ନିଗମ ୱେବସାଇଟରେ ପ୍ରକାଶନ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଉପ ଆୟୁକ୍ତ 26.4.18

ଜ୍ଞାପକ ସଂ ୩୭୮୨ /ତା ୨୦/୪/୧୮

ଏହାର ଏକ କିତା ନକଲ ମେୟରଙ୍କ କ୍ଷିପ୍ର ଲେଖକଙ୍କୁ ମାନ୍ୟବର ମେୟର ମହୋଦୟାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ 26.4.18

ଜ୍ଞାପକ ସଂ ୩୭୮୩ /ତା ୨୦/୪/୧୮

ଏହାର ଏକ କିତା ନକଲ କଟକ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ ବୋର୍ଡ଼/ ଜିଲ୍ଲାପାଳ, କଟକ/ ଉପ ଜିଲ୍ଲାପାଳ, କଟକ ସଦର/ ତହସିଲଦାର, ସଦର କଟକ ଙ୍କ ନୋଟିସ ବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯିବା ପାଇଁ ଅନୁରୋଧ କରାଗଲା ।

ଉପ ଆୟୁକ୍ତ 26.4.18

ଜ୍ଞାପକ ସଂ ୩୭୮୪ /ତା ୨୦/୪/୧୮

ଏହାର ଏକ କିତା ନକଲ ଭାରପ୍ରାପ୍ତ ଅଧିକାରୀ, ପୁରୀଘାଟ ଥାନାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ 26.4.18